**କୂଅରେ ପଡି ବୃଦ୍ଧାଙ୍କ ମୃତ୍ୟୁ**

ନନ୍ଦପୁର,(ଶଙ୍କର ପୂଜାରୀ)- ଘର ପାଖ କୂଅକୁ ପାଣି ଆଣିବାକୁ ଯାଇ କୂଅରେ ଖସିପଡ଼ି ଜଣେ ବୃଦ୍ଧା(୭୦)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯମୁନା ଖିନବୁଡି। ଶୁକ୍ରବାର ସକାଳେ ଯମୁନା ଘର ନିକଟରେ ଥିବା କୂଅରୁ ପାଣି କାଢୁଥିବା ବେଳେ ଭାରସାମ୍ୟ ହରାଇ କୂଅ ଭିତରକୁ ଖସି ପଡ଼ିଥିଲେ। ଏନେଇ ଲମତାପୁଟ ବ୍ଲକର ଦେବତା ହଞ୍ଜର୍ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଯମୁନା କୂଅ ଭିତରକୁ ଖସିପଡିଥିବା ଜାଣି ସଙ୍ଗେ ସଙ୍ଗେ ଗ୍ରାମର କେତେଜଣ ଯୁବକ କୂଅ ଭିତରେ ପଶି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ଯମୁନାଙ୍କ ମୃତ୍ୟୁ ହୋଇସାରିଥିଲା। ଖବରପାଇ ଏସ୍ଆଇ ବେଦନର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କେସ୍ ନଂ ୨୫/୨୩।



## ସଂକ୍ଷେପରେ

### ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ

ଚିତ୍ରକୋଣ୍ଡା,୨୭।୧୦(କ୍ଷୀରୋଦ ବେହେରା)

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପକ୍ଷରୁ ସରକାରୀ ବାଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୬୪ତମ ପୋଲିସ ସ୍ମୃତି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ତାଙ୍ଗୁଲ, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ, ବିଏସ୍ଏଫ୍ କମାଣ୍ଡାଣ୍ଟ ରାକେଶ ମିଶ୍ର, ବରିଷ୍ଠ ଖବରଦାତା କ୍ଷୀରୋଦ ବେହେରା,ସାମାଜିକ କର୍ମୀ ଦେବେନ୍ଦ୍ର ଦାଶ, ଏମ୍. ଚିରଞ୍ଜୀବୀ ନାୟକ ଏବଂ ଚିତ୍ରକୋଣ୍ଡା ଦୈନିକ ବଜାର କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଚିତ୍ରକୋଣ୍ଡା ଅଞ୍ଚଳରେ ମାଓବାଦୀଙ୍କ ସହ ଲଢ଼ି ଶହୀଦ ହୋଇଥିବା ବୀର ଯବାନ ହାବିଲଦାର ଏସ୍. ସାଇଦୋରା, ଗ୍ରାମରକ୍ଷୀ ମାଣିକ ଖିଲ ଓ ଲଳିତ ହନ୍ତାଳ ଓ ୪ ଜଣ ବିଏସ୍ଏଫ୍ ଯବାନଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶହୀଦଙ୍କ ବଳିଦାନ କେବେ ବ୍ୟର୍ଥ ହେବନାହିଁ। ସେମାନେ ଚିରଦିନ ଅମର ହୋଇ ରହିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ସରକାରୀ କ୍ୱାର୍ଟର୍ସରେ ମହିଳାଙ୍କ ଝୁଲନ୍ତା ମୃତଦେହ

ବୈପାରିଗୁଡା,୨୭।୧୦ (କଳ୍ପତରୁ ମହାନ୍ତି)

ବୈପାରିଗୁଡା ବ୍ଲକ କଲୋନୀ ସରକାରୀ କ୍ୱାର୍ଟର୍ସରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତ ଦେହ ମିଳିଛି। ମୃତ ଯୁବତୀ ଜଣକ ହେଲେ ସନ୍ଧ୍ୟାରାଣୀ ନାୟକ । ସେ ବ୍ଲକ ଅଫିସ୍‌ରେ ରାଜସ୍ୱ ସହାୟିକା ପଦବୀରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର କ୍ୱାର୍ଟର୍ସ ନିକଟରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ବୈପାରୀଗୁଡା ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ସୁଶାନ୍ତ ଶତପଥୀ ଘଟଣା ସ୍ଥଳରେ ପହଞ୍ଚି ଭିତରପଟୁ ବନ୍ଦ ଥିବା କ୍ୱାର୍ଟର୍ସକୁ ଠେଲି ଭିତରେ ପଶିବା ପରେ ସନ୍ଧ୍ୟାରାଣୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ସଂପର୍କରେ ପୋଲିସ୍ ଜୟପୁରରେ ରହୁଥିବା ସନ୍ଧ୍ୟାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

### ବସ୍ତିବାସିନ୍ଦା ସଂଘକୁ ତାଲିମ

ସୁନାବେଡା, ୨୭।୧୦(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ପୌର ପରିଷଦ ସଭାଗୃହରେ ଶୁକ୍ରବାର ବସ୍ତିବାସିନ୍ଦା ସଂଘର ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ତାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ବସ୍ତିଗୁଡ଼ିକର ବିକାଶରେ ବେଶ୍ ସହାୟକ ହେବ ବୋଲି ତାଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ନଗରପାଳ ଡ. ରାଜେନ୍ଦ୍ର ପାତ୍ର, ଉପନଗରପାଳ ରତ୍ନ କଣ୍ଟା, ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଯୋଗଦେଇ ତାଲିମ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁନାବେଡ଼ା ଅଞ୍ଚଳରେ ଥିବା ୨୪ଟି ବସ୍ତିର କିପରି ଉନ୍ନତି ହୋଇପାରିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରରେ ୧୪ଟି ଏସ୍‌ଡିଏର ୪୨ ଜଣ ଯୋଗଦେଇଥିଲେ।

# ୮ ପଞ୍ଚାୟତରେ ନାହିଁ କେନାଲ ଜଳ ସୁବିଧା

## ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପଡ଼ିଆ,୨୭।୧୦(ଭାସ୍କର ରାଓ)

ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପଡ଼ିଆ ବ୍ଲକ ଚାଷୀ ବହୁଳ ଅଞ୍ଚଳ ରୂପେ ପରିଚିତ। ଧାନ ଚାଷ ଚାଷୀଙ୍କ ଜୀବିକା ହୋଇଥିବା ବେଳେ ବ୍ଲକର ୮ଟି ପଞ୍ଚାୟତ ନିଳିଗୁଡ଼ା, ମାଟେରୁ, ପଡ଼ିଆ, ଶିମିଳିବାଞ୍ଚା ପଞ୍ଚାୟତ ପାଇଁ କେନାଲ ଜଳର ସୁବିଧା ନାହିଁ। ଫଳରେ ଚାଷୀଙ୍କ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟହେବାକୁ ବସିଲାଣି। ପ୍ରତିବର୍ଷ ଚାଷୀ ପାଣି ପାଇଁ କ୍ଷତି ସହୁଛନ୍ତି। ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ୍ୟ ସମସ୍ତ ଅଞ୍ଚଳକୁ କେନାଲ ସୁବିଧା ନ ଥିବାରୁ ଚାଷୀ କ୍ଷତି ସହୁଛନ୍ତି । ଏ ସମସ୍ତ ପଞ୍ଚାୟତକୁ କେନାଲ ଜଳ ସୁବିଧା ଯୋଗାଇଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଚଳିତବର୍ଷ ବର୍ଷା ଅଭାବରୁ ବ୍ଲକର ନିଳିଗୁଡା, ମାଟେରୁ, ପଞ୍ଚାୟତରେ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ପଡିଆ, ବାପନପଲି, ଶିମିଳିବାଞ୍ଚା, କାଲଧାପଲି ପଞ୍ଚାୟତର ଅନେକ ଜମିକୁ କେନାଲ ଜଳ ସୁବିଧା ନାହିଁ। ଏ ସମସ୍ତ ଅଞ୍ଚଳରେ କେନାଲ ଜଳ ସୁବିଧା କରିବା, ବ୍ଲକରେ ହେରଫେର ହୋଇଥିବା ସରକାରୀ ଅନୁଦାନର ତଦନ୍ତ କରିବା, ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଅନୁଦାନର ମନଇଚ୍ଛା ଖର୍ଚ୍ଚ ବନ୍ଦ କରିବା, ବ୍ଲକ ପକ୍ଷରୁ ଆର୍‌ଟିଜିଏସ୍ ମାଧ୍ୟମରେ ବ୍ୟାଙ୍କ ଜମାଖାତାକୁ ଟ୍ରାନ୍ସଫର ହୋଇଥିବା ଅର୍ଥର ଉଚ୍ଚସ୍ତରୀୟ ତଦନ୍ତ କରିବା, ପ୍ରଧାନମନ୍ତ୍ରୀ ଆବାସ ଗୃହଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ଫଳକ ବଦଳରେ ଲାଗୁଥିବା ବିଜୁ ପକ୍କାଘର ଓ ବିଜୁ ଫଟୋ ଚିତ୍ର ବନ୍ଦ କରି ପ୍ରଧାନମନ୍ତ୍ରୀଙ୍କ ଫଟୋ ରଖିବା ଲାଗି ଦାବି କରାଯାଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତାଙ୍କ ଅନୁପସ୍ଥିତିରେ ମୋହନ ରାୟ ଦାବିପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସମ୍ମାନିତ ଅତିଥି ଜିଲା ସଭାପତି ନିମାଇଁ ଚନ୍ଦ୍ର ପାଲ, ମଣ୍ଡଳ ସଭାପତି ପି.ଭେଙ୍କଟେଶ୍ୱର ରାଓ, ବିଧାୟକ ପ୍ରତିନିଧି କୋଟାମ ବାଲାୟା, ଜିଲାର ପୂର୍ବତନ ସଭାପତି ଗୁରୁଚରଣ ମହାନ୍ତି, କାଳିମେଳା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀଙ୍କ ସମେତ ୮ଟି ପଞ୍ଚାୟତରୁ ୩ ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।



କେନାଲରେ ଜଳ ସୁବିଧା ନ ଥିବାରୁ ଚାଷୀମାନେ ପ୍ରତିବାଦ ଜଣାଉଛନ୍ତି ।

# ସେବା କାଗଜକଳ ଉତ୍ପାଦନ ଶୀଘ୍ର ଆରମ୍ଭ କରିବାକୁ ଜିଲାପାଳଙ୍କୁ ଦାବିପତ୍ର



ୟୁନିୟନ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି।

ଜୟପୁର,୨୭।୧୦ (ପବନ ପାଣିଗ୍ରାହୀ )

ଜୟପୁର ସେବା କାଗଜକଳ ଉତ୍ପାଦନ ଶୀଘ୍ର ଆରମ୍ଭ କରିବାକୁ ଶ୍ରମିକମାନେ ନିକଟରେ କୋରାପୁଟ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଶୁକ୍ରବାର କାଗଜକଳର ତୃତୀୟ ଏବଂ ଚତୁର୍ଥ ୟୁନିୟନର ସଭ୍ୟମାନେ କିପରି କାଗଜକଳରୁ ଉତ୍ପାଦନ ଶୀଘ୍ର ଆରମ୍ଭ ହେବ ଏବଂ ଶ୍ରମିକମାନେ ସେମାନଙ୍କ ବକେୟା ଦରମା ପାଇବେ ସେନେଇ ଜିଲାପାଳଙ୍କୁ ଭେଟି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ପେପର ମିଲର ସମସ୍ୟା ଶୀଘ୍ର ସମାଧାନ କରିବା ନେଇ ଗୁରୁତ୍ୱ ଦେଇଛନ୍ତି। ତୃତୀୟ ୟୁନିୟନର ଆମନ ଉଜବିନ ନାୟକ, ତାରାପ୍ରସାଦ ପ୍ରଧାନ, ଉମା ପାଣିଗ୍ରାହୀ, ଭଗବାନ ଚୌଧୁରୀ ଏବଂ ଚତୁର୍ଥ ୟୁନିୟନର ଏମ୍. ସତ୍ୟନାରାୟଣ, ସୁନିଲ ସାହୁ, ସଞ୍ଜୀବ ମାଦଳା, ଉପେନ୍ଦ୍ର ଜେନା ପ୍ରମୁଖ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

# ମମତା ଯୋଜନାରୁ ବଞ୍ଚିତ ୫ ମହିଳା

## ଜିଲାପାଳଙ୍କୁ ଭେଟିବେ

ଦଶମନ୍ତପୁର,୨୭।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଏ. ମାଲକାନଗିରି ପଞ୍ଚାୟତର କେ.ଚଣ୍ଡାଲଗୁଡା ଗ୍ରାମର ୫ ଜଣ ପ୍ରସୂତି ମହିଳା ସରକାରଙ୍କ ମମତା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେମାନେ ଏନେଇ ଆଗାମୀ ଦିନରେ ଜିଲାପାଳଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି। ଏହି ମହିଳାମାନେ ମମତା ଯୋଜନାରେ ୫୦୦୦ ଟଙ୍କା ସହାୟତା ରାଶି ପାଇବା ସରକାରୀ ନିୟମ ଥିବା ବେଳେ କେତେଜଣ ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଯୋଗୁ ଉକ୍ତ ମହିଳା ଓ ଶିଶୁମାନେ ସରକାରଙ୍କ ଉକ୍ତ ଯୋଜନାରୁ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ଯୋଜନାରୁ ବଞ୍ଚିତ ମହିଳାମାନେ ହେଲେ ଧନୀ ଗୋଲରି, ପଲିମା ପୂଜାରୀ, ଗୋରୀ ଗୋଲରି, ନନ୍ଦେନୀ କନ୍ଦପାନ ଓ ମିଥୁଳା ଦିଶାରୀ। ଏମାନଙ୍କ କହିବାନୁସାରେ ସେମାନଙ୍କ ଦ୍ୱିତୀୟ ସନ୍ତାନକୁ ୩ ବର୍ଷ ହେବାକୁ ବସିଲାଣି ଅଥଚ ସେମାନଙ୍କୁ ମମତା ଯୋଜନାରେ ସାମିଲ କରାଯାଇ ନାହିଁ। ସେହିଭଳି ଅନ୍ୟ ଜଣେ ମହିଳା କହିଛନ୍ତି, ତାଙ୍କ ପୁଅ ରାଜେଶ ପାଣ୍ଡକାଙ୍କୁ ୨ ବର୍ଷ ହେଲାଣି ହେଲେ ତାଙ୍କୁ ମମତା ଯୋଜନାର ଅର୍ଥ ମିଳିନାହିଁ। ସେହିପରି ପଲିମା ପୂଜାରୀ, ଗୌରୀ ଗୋଲରୀ, ମିଥିଳା ଦିଶାରୀ ଓ ଦୁର୍ଯ୍ୟ ପାଇକ ପ୍ରମୁଖ ନିଜ ଅଙ୍ଗନୱାଡି କେନ୍ଦ୍ରରେ ନାମ ପଞ୍ଜୀକରଣ କରିଥିଲେ ସୁଦ୍ଧା ଏଯାଏ ସରକାରଙ୍କ ମମତା ଯୋଜନା ଅର୍ଥରୁ ବଞ୍ଚିତ ହୋଇଛନ୍ତି। ମମତା ଅର୍ଥ ମିଳିବା ଆଶାରେ ସେମାନେ ଅନେକ ଥର କୋରାପୁଟ ବ୍ୟାଙ୍କକୁ ଯାଇ ନିରାଶ ହୋଇ ଫେରିଛନ୍ତି। ଆଗାମୀ ଦିନରେ ସେମାନଙ୍କୁ ଏହି ଯୋଜନାରୁ ଲାଭ ନ ମିଳିଲେ ସେମାନେ ଜିଲାପାଳଙ୍କୁ ଭେଟିବେ ବୋଲି ପ୍ରକାଶ କରିଛନ୍ତି।



ମମତା ଯୋଜନାରୁ ବଞ୍ଚିତ ହୋଇଥିବା ମହିଳାମାନେ।

## ନନ୍ଦପୁର ବ୍ଲକରେ ନୂଆ ବିଡିଓ,ତହସିଲଦାର

ନନ୍ଦପୁର, ୨୭।୧୦(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକରେ ନୂତନ ବିଡିଓ ଓ ତହସିଲଦାର ଭାବେ ୨ଜଣ ଓଏଏସ୍ ଅଧିକାରୀ ଗୁରୁବାର ଯୋଗଦେଇଛନ୍ତି। ଶୁକ୍ରବାର ଉଭୟେ ନିଜ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ସହ ଆଲୋଚନାକରି କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦପୁର ବିଡିଓ ଭାବେ ରାମଚନ୍ଦ୍ର ଦୋରା ନିଯୁକ୍ତି ପାଇଛନ୍ତି। ସେ ପୂର୍ବତନ ବିଡିଓ ସୁଜିତ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ନନ୍ଦପୁର ତହସିଲଦାର ଭାବେ ଅନାଦି ଚରଣ ସାହୁ ଦାୟିତ୍ୱ ନେଇଛନ୍ତି। ସେ ପୂର୍ବତନ ତହସିଲଦାର ନରସିଂହ ଗାଦବାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ୨ ଓଏଏସ୍ ଅଧିକାରୀଙ୍କୁ ନନ୍ଦପୁର ବ୍ଲକ ପ୍ରଶାସନ କର୍ମଚାରୀ, ତହସିଲ କର୍ମଚାରୀ, ସ୍ଥାନୀୟ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ ଓ ଖବରଦାତାମାନେ ସ୍ୱାଗତ କରିଛନ୍ତି। ନନ୍ଦପୁର ବ୍ଲକବାସୀଙ୍କ ଆବଶ୍ୟକତା ବୁଝି, ଅଞ୍ଚଳର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ଏକତରଫା ଗିରଫକୁ ଅଞ୍ଚଳବାସୀଙ୍କ ନାପସନ୍ଦ

ପଟ୍ଟାଙ୍ଗି,୨୭।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ କୁଦୁଲି ହାଟପଦାରେ ଦଶହରା ପରଦିନ ଘଟିଥିବା ଦୁଇଟି ହତ୍ୟାକାଣ୍ଡକୁ ନେଇ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଠୁଛି। ଘଟଣାକୁ ତିନିଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ସେହିପରି କିଛି ଆଖି ଦୃଷ୍ଟିଆ ପ୍ରମାଣ ପାଇପାରିନାହିଁ। ଦୁଇଟି ହତ୍ୟାକାଣ୍ଡର ଦୁଇ ପରିବାରଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ପଦକ୍ଷେପ ନେବା ବଦଳରେ ନିର୍ଦ୍ଦିଷ୍ଟ ଗୋଟିଏ ପରିବାରର ସଦସ୍ୟଙ୍କୁ ଗିରଫ କରିବା ଘଟଣାକୁ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି। ତେବେ ପୋଲିସ ଉପରୁ ବିଶ୍ୱାସ ହରାଇନାହୁଁ। ନିଶ୍ଚିତ ନ୍ୟାୟ ମିଳିବ ବୋଲି ଅଞ୍ଚଳବାସୀ ଆଶା ରଖିଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ଟେମା ଗ୍ରାମର ୫ରୁ ୮ଜଣଙ୍କୁ ଧରି ଆଣି ଅଟକ ରଖି ପଚରାଉଚରା କରୁଛି। ତେବେ ଏହାକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ବର୍ତ୍ତମାନ ମଧ୍ୟ ପୋଲିସ ହାଟପଦା ଅଞ୍ଚଳରେ ସତର୍କ ନଜର ରଖିଛି। ତଦନ୍ତ କାରୀ ଅଧିକାରୀମାନେ ସବୁ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଚଳାଇଥିବା ଜଣାପଡିଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

ଜୟପୁର,୨୭।୧୦ (ପବନ ପାଣିଗ୍ରାହୀ)- ରାଜସ୍ୱ ଅମଲା ସଂଘ କୋରାପୁଟ ଜିଲା ଶାଖା ଦାବିପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଏକ ଖବରଦାତା ସମ୍ମିଳନୀରେ ରାଜସ୍ୱ ଅମଲା ସଂଘ ସଭାପତି ମନୋଜ ବାରିକ ଓ ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ଏହା କହିଛନ୍ତି। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅମଲାଙ୍କ ବଦଳିରେ ଦୁର୍ନୀତି ହୋଇଥିବା ଏବଂ ଅମଲାଙ୍କ ପ୍ରତି ଅନ୍ୟାୟ କରାଯାଉଥିବା ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ୩୦ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଅହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

# ସଂଗୃହୀତ ମାଟି ଶ୍ରେଷ୍ଠ ଭାରତର ବାର୍ତ୍ତା ବହନ କରିବ

## ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ

କୋରାପୁଟ,୨୭।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ନେହେରୁ ଯୁବକେନ୍ଦ୍ର ତରଫରୁ ଶୁକ୍ରବାର ସ୍ଥାନୀୟ ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ କୋରାପୁଟ ପୌରାଧ୍ୟକ୍ଷ ଲାଲାଟ ରଞ୍ଜନ ସେଠୀ, ସମ୍ମାନିତ ଅତିଥି ଭାବେ ବିଏସ୍ଏଫ ଡେପୁଟି କମାଣ୍ଡାଣ୍ଟ ସୁନୀଲ ଜେନା, କୋବ୍ରା ବାହିନୀର ଡେପୁଟି କମାଣ୍ଡାଣ୍ଟ ସତ୍ୟକେତୁ ମଲ୍ଲିକ, ନାଲକୋ ସିଆଇଏସ୍ଏଫ୍ ଡେପୁଟି କମାଣ୍ଡାଣ୍ଟ ଟି.ନରେନ୍ଦ୍ର ସିଂହ, ଅଧ୍ୟାପିକା ଖାନସି ସିଂ, ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ହରିଶ ରୂପାଲ, ନେହେରୁ ଯୁବା କେନ୍ଦ୍ରର ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ସଂଗୃହୀତ ମାଟି ଶ୍ରେଷ୍ଠ ଭାରତର ବାର୍ତ୍ତା ବହନ କରିବ ବୋଲି ଅତିଥିମାନେ କହିଥିଲେ। ହରେଶ ରୂପାଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଯୁବ ବର୍ଗକୁ ଦେଶ ଫୌଜରେ ସାମିଲ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୌମେନ୍ଦ୍ର ସ୍ୱାଇଁ ଶପଥ ପାଠ କରାଇଥିଲେ। ନେହେରୁ ଯୁବକେନ୍ଦ୍ରର ବିଭିନ୍ନ କ୍ଲବର ସଦସ୍ୟମାନେ, ବିଭିନ୍ନ ଏସ୍ଏଚଜି ମହିଳା ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ଶହୀଦ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଭାରତର ପ୍ରତ୍ୟେକ ଗ୍ରାମରୁ ସଂଗୃହିତ ମାଟିରେ ଦିଲ୍ଲୀଠାରେ ଏକ ଅମୃତ ବାଟିକା ତିଆରି ହେବ। ଏହି ଅମୃତ ବାଟିକା ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରତୀକ ବହନ କରିବ। ପ୍ରତ୍ୟେକ ବ୍ଲକରୁ ସଂଗୃହୀତ ମାଟିକୁ ନେଇ ଅକ୍ଟୋବର ୩୧ ଓ ନଭେମ୍ବର ୧ରେ ଏକ ଭବ୍ୟ କାର୍ଯ୍ୟକ୍ରମ ହେବ। କେଦାରନାଥ ସେନାପତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲା ସଂସ୍କୃତି ଭବନଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଥିଲା।




ବାହାରିଥିବା ଶୋଭାଯାତ୍ରା।

# ‘ମେରି ମିଟି ମେରା ଦେଶ’ ଅମୃତ କଳସ ଶୋଭାଯାତ୍ରା



ସଂଗୃହୀତ ମାଟି କଳସ ସହ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

ମାଲକାନଗିରି, ୨୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଭାରତୀୟ ଜନତା ପାର୍ଟିତରଫରୁ ଶୁକ୍ରବାର କେନ୍ଦ୍ର ସରକାରଙ୍କ ମେରି ମିଟି ମେରା ଦେଶ ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଶୋଭାଯାତ୍ରାରେ ଜିଲାର ବିଭିନ୍ନ ଅଞ୍ଚଳରୁ ଭାରତୀୟ ଜନତା ପାର୍ଟି ତରଫରୁ ମାଟି ସଂଗ୍ରହକରି ଉକ୍ତ ମାଟିକୁ ବିଭିନ୍ନ ସୁସଜ୍ଜିତ କଳସରେ ଭର୍ତ୍ତି କରି ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଭାଜପା ତରଫରୁ ଜିଲାରୁ ୧୫ ଜଣ ଏହି କଳସ ଧରି ଭୁବନେଶ୍ୱର ବାହାରିଥିବା ବେଳେ ଆସନ୍ତା ୩୦ ଓ ୩୧ ଅକ୍ଟୋବରରେ ଦିଲ୍ଲୀରେ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ଏହି ୧୫ଜଣ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।



# ପେଭର ବ୍ଲକ୍ ବିଛା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ବୈପାରିଗୁଡ଼ା,୨୭।୧୦ (କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା-କୁନ୍ଦୁରାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାରେ ସ୍ଥାନୀୟ ଡିଗ୍ରୀ କଲେଜଠାରୁ ଗୌଡସାହି ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧ କି.ମି. ରାସ୍ତାର ୨ ପାର୍ଶ୍ୱରେ ପେଭର ବ୍ଲକ ବିଛା କାମ ଚାଲିଛି। ଏହି କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଫଳରେ ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କାମ ଠିକ୍ ଭାବେ ତଦାରଖ ହେଉ ନ ଥିବାରୁ ଦାୟିତ୍ୱ ନେଇଥିବା ଠିକାଦାର ମନମୁଖି କାର୍ଯ୍ୟ କରୁଛନ୍ତି। ଏହି ପେବର ବ୍ଲକଗୁଡିକ ଠକ୍ ରୂପେ ଯୋଡି ହେଉ ନ ଥିବାରୁ ଫାଙ୍କ ରହୁଛି। ନିର୍ମାଣାଧୀନ ଅବସ୍ଥାରେ ଅନେକ ସ୍ଥାନରେ ବ୍ଲକଗୁଡିକ ବାହାରି ପଡିଲାଣି। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଲାଣି। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଯେଉଁଠାରେ କାମ ଠିକ୍ ରୂପେ ହୋଇନାହିଁ ସେଠାରେ ପୁଣି ଥରେ କରିବାକୁ ସମ୍ପୃକ୍ତ ଠିକାଦରଙ୍କୁ ସେ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ।

# ଜିଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

ମାଲକାନଗିରି, ୨୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ଅଧୀନରେ ପ୍ରାପ୍ତ ହୋଇଥିବା ଦାବି ଓ ଆପତ୍ତି ଅଭିଯୋଗ ତଥ୍ୟକୁ ବିଭିନ୍ନ ରାଜନୈତିକ ଦଳକୁ ପ୍ରଦାନ କରାଯାଇଛି। ୨୦୨୪ରେ ଉଭୟ ଲୋକ ସଭା ଓ ବିଧାନସଭା ନିମନ୍ତେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ଏଥିରେ ସହଯୋଗ କରିବା ପାଇଁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିଶାଲ ସିଂ ଯୋଗଦେଇ ଉପସ୍ଥିତ ସମସ୍ତ ରାଜନୈତିକ ଦଳ ଏବଂ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ନଭେମ୍ବର ୫, ୧୧, ୧୯ ଓ ୨୫ରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବା ସହ ଅଧିକରୁ ଅଧିକ ଭୋଟରଙ୍କୁ ପଞ୍ଜୀକରଣ ନିମନ୍ତେ ସଚେତନ କରାଯିବ ବୋଲି ଜିଲାପାଳ କହିଥିଲେ। ସେହିପରି ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ଜିଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ଅନୁପାତ ବୃଦ୍ଧି ପାଇଛି, ଯାହା ଗଣତନ୍ତ୍ର ପାଇଁ ଏକ ଶୁଭ ସୂଚନା ବୋଲି କହିଥିଲେ। ଜିଲାର ସମ୍ବେଦନଶୀଳ ଆଦିମ ଜନଜାତି, କିନ୍ନର, ଦେହଜୀବୀ ଏବଂ ଅନ୍ୟ ଶ୍ରେଣୀର ନାଗରିକଙ୍କୁ ପଞ୍ଜୀକରଣ ନିମନ୍ତେ ସଚେତନ କରାଯାଇ ଉକ୍ତ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରାଯାଇଥିବା ଡ. ଖେମୁଣ୍ଡୁ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଅକ୍ଟୋବର ୨୭ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକ ସମସ୍ତ ଦାବି ଓ ଅଭିଯୋଗ ଦାଖଲ କରିପାରିବେ । ୫ ଜାନୁୟାରୀ ୨୦୨୪ରେ ଇଲେକ୍ଟୋରାଲ ପ୍ରକାଶିତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଜିଲାରେ ବର୍ତ୍ତମାନ ୪ ଲକ୍ଷ ୪୫ ହଜାର ୪୩ ଜଣ ଭୋଟର ରହିଛନ୍ତି। ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୪୨ହଜାର ୧୨୩ ଜଣ ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୨ହଜାର ୯୨୦ ଜଣ ଭୋଟର ରହିଛନ୍ତି। ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୨୩ ହଜାର ୧୯୩ ମହିଳା ଭୋଟର ଥିବାବେଳେ ୧,୧୮,୮୯୭ ପୁରୁଷ ଭୋଟର ଅଛନ୍ତି। ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୧୦୫୮୯୮ ମହିଳା ଭୋଟର ଥିବା ବେଳେ ୯୭୦୦୯ ଜଣ ପୁରୁଷ ଭୋଟର ଅଛନ୍ତି। ବୈଠକରେ ରାଜନୈତିକ ଦଳ ମଧ୍ୟରେ ଭାଜପା ପକ୍ଷରୁ ସଞ୍ଜୟ ପ୍ରଧାନ, ବିଜେଡି ପକ୍ଷରୁ ଧନୁର୍ଜୟ ମାଡକାମି, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝି, ବିଏସ୍‌ପି ପକ୍ଷରୁ ଜାରା ଶବର ମାଢି ଏବଂ ଏଏପି ପକ୍ଷରୁ କେ. ଦେଶୀରାଜୁ ଆଚାରୀ ଉପସ୍ଥିତ ଥିଲେ। ସେହିପରି କାର୍ଯ୍ୟକ୍ରମରେ ସହାୟକ ଜିଲାପାଳ ଅଜୟ ମାଣ୍ଡାଙ୍ଗି, ଅଶୋକ ଚକ୍ରବର୍ତ୍ତୀ ଏବଂ ଜିଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




ଜିଲା ପ୍ରଶାସନ ପକ୍ଷରୁ ଇଲେକ୍ଟୋରାଲ୍ ରୋଲ୍ ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### କାଶୀପୁରରେ ନୂତନ ତହସିଲଦାରଙ୍କ ଯୋଗଦାନ

ଟିକିରି, ୨୭।୧୦ (ପ୍ରଫୁଲ୍ଲ କୁମାର ବେହେରା)



ରାୟଗଡ଼ା ଜିଲା କାଶୀପୁର ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ସୁନୀଲ କୁମାର ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରଛନ୍ତି। ପୂର୍ବରୁ ସେ ଅତିରିକ୍ତ ତହସିଲଦାର (ଓଆର୍‌ଏସ୍) ଭାବେ ଗଞ୍ଜାମ ଜିଲା ଅନ୍ତର୍ଗତ ହିଞ୍ଜିଳିକାଟୁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ନିକଟରେ ତାଙ୍କର ଓଆର୍‌ଏସ୍‌ଠାରୁ ଓଏଏସ୍‌କୁ ପଦୋନ୍ନତି ହେବା ପରେ ସରକାରୀ ସ୍ତରରେ ତାଙ୍କୁ କାଶୀପୁରଠାରେ ଅବସ୍ଥାପିତ କରାଯାଇଛି। ସେହିପରି ୪ ମାସ ପୂର୍ବରୁ କାଶୀପୁରରେ ଯୋଗଦେଇଥିବା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କୁ ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବିଜାତଲା ତହସିଲଦାର ଭାବେ ବଦଳି ହୋଇଥିବା ଜଣାପଡ଼ିଛି। କାଶୀପୁର ତହସିଲଜନିତ ପୂର୍ବ ସମସ୍ୟାର ତୁରନ୍ତ ସମାଧାନ ଦିଗରେ ଦୃଷ୍ଟି ଦେବେ ବୋଲି ନୂତନ ଭାବେ ଯୋଗଦେଇଥିବା ତହସିଲଦାର ପ୍ରଧାନ ମତପ୍ରକାଶ କରିଛନ୍ତି ।

### ଭାଜପା ନଗର କମିଟି ଘୋଷିତ

ରାୟଗଡ଼ା,୨୭।୧୦ (ଆଶିଷ ରଞ୍ଜନ ପଣ୍ଡା)



ଭାଜପାର ରାୟଗଡ଼ା ନଗର କମିଟି ଘୋଷଣା କରିଛନ୍ତି ଜିଲା ସଭାପତି ଶିବ ପଟ୍ଟନାୟକ । ଏଥିରେ କାଉନସିଲର ମଞ୍ଜୁଳା ମିଣିଆକା ନଗର ସଭାନେତ୍ରୀ ହୋଇଥିବା ବେଳେ ୫ ଜଣ ଉପସଭାପତି, ଅଜୟ ବୁଲେଟ ଓ ଝରଣା ପାଣି ସାଧାରଣ ସମ୍ପାଦକ, ୫ ଜଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ସେହିଭଳି ନଗରର ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା, ଓବିସି ମୋର୍ଚ୍ଚା, ଏସ୍‌ଟି ଓ ଏସ୍‌ସି ମୋର୍ଚ୍ଚା, କୃଷକ ମୋର୍ଚ୍ଚା ଓ ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।

### ଗଜଲକ୍ଷ୍ମୀ ପୂଜା ପାଇଁ କଳସଯାତ୍ରା

ମୁନିଗଡ଼ା,୨୭।୧୦(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡାର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ପାଇଁ ଶୁକ୍ରବାର ଗଙ୍ଗା ଆବାହନ ପୂଜା ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମୁନିଖୋଲସ୍ଥିତ ନାଳ ନିକଟରେ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ କଳସ ସ୍ଥାପନ କରି ସଂକଳ୍ପ କରାଯିବା ପରେ ସୂର୍ଯ୍ୟ ପୂଜା,ଗଙ୍ଗା ଆବାହନ ସହ ବିଭିନ୍ନ ପୂଜାର୍ଚ୍ଚନା ଓ ଗଙ୍ଗା ଆଳତି ସମ୍ପନ୍ନ ହୋଇଥିଲା। ପରେ ନାଳ ପରିସରରୁ ଏକ ବଡ଼ ପଟୁଆରରେ ମହିଳା ପୁରୁଷମାନେ ପାରମ୍ପରିକ ବାଦ୍ୟ ସହ କଳସ ଯାତ୍ରାରେ ବାହାରି ସହର ପରିକ୍ରମା କରି ଗୌଡ଼ସାହି ଧବଳେଶ୍ୱର ଶିବ ମନ୍ଦିର ନିକଟସ୍ଥ ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ପରେ ମଣ୍ଡପ ଶୁଦ୍ଧି, ମଣ୍ଡଳ କରଣ, ଅଧିବାସ ଓ ଅଙ୍କୁରାରୋପଣ ଆଦି କାର୍ଯ୍ୟକ୍ରମ କରାଯିବା ପରେ ପୂଜା ଆରମ୍ଭ କରାଯାଇଥିଲା । କର୍ତ୍ତା ଭାବେ ପଙ୍କଜ ମହାରଣା ଓ ଧର୍ମପତ୍ନୀ କାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୋହିତ ସନ୍ତୋଷ ସାହୁ, ହରିହର ସାବତ, ରାଧାମୋହନ ସାହୁ ଓ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ପୂଜାରେ ସହଯୋଗ କରିଥିଲେ । ଉକ୍ତ ପୂଜା ଶୁକ୍ରବାରଠାରୁ ଆରମ୍ଭ ହୋଇ ଆସନ୍ତା ୧ ତାରିଖରେ ଶେଷ ହେବ ବୋଲି ମୁଖ୍ୟ ପୁରୋହିତ ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।



ମୁନିଗୁଡା ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ପୁରୁଷମାନେ।

### ସାକିଡି ଛକରୁ ମୃତଦେହ ଜବତ

ପଟ୍ଟାଙ୍ଗି,୨୭।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମାଳିପୁଟ ପଞ୍ଚାୟତର କୁନ୍ଦୁଲି ହାଟପଦାରେ ଘଟିଥିବା ଦୁଇ ହତ୍ୟାକାଣ୍ଡର ପ୍ରମାଣ ପୋଲିସ ହାତରେ ଏଯାଏ କିଛି ଲାଗିନି। ଏପରି ସ୍ଥଳେ ଏକ ଅଚିହ୍ନା ମୃତଦେହ ଜବତ ହେବା ପୋଲିସ ପାଇଁ ଚିନ୍ତାର ବିଷୟ ହୋଇଛି। ଏହା ପଟ୍ଟାଙ୍ଗି ପୋଲିସ ପାଇଁ ଆଣିଛି ଚାଲେଞ୍ଜ। ପରଜାପୁଟ୍ଟାର ସାକିଡି ଛକ ନିକଟରୁ ଶୁକ୍ରବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତବ୍ୟକ୍ତିଙ୍କ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଗ୍ରାମବାସୀ ପଟ୍ଟାଙ୍ଗି ପୋଲିସକୁ ଖବର ଦେଇଥିଲେ। ପରେ ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଓ ଅନ୍ୟ ପୋଲିସ ଅଧିକାରୀମାନେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଜବତ ମୃତଦେହକୁ ପୋଲିସ ଜଗି ରହିଥିବା ବେଳେ ସାଇଣ୍ଟିଫିକ୍ ଟିମ୍‌କୁ ଅପେକ୍ଷା କରାଯାଇଥିବା ପୋଲିସ କହିଛି । ସୂଚନାଯୋଗ୍ୟ, ଅଚିହ୍ନା ମୃତଦେହ ଜବତ ହୋଇଥିବା ସ୍ଥାନରୁ କୁନ୍ଦୁଲି ହାଟପଦା ୫ରୁ ୭ କିଲୋମିଟର ଦୂର।

# ହଟୁନି ବସ୍ତି, କାର୍ଯ୍ୟକାରୀ ହେଉନି ପକ୍କାଘର ଯୋଜନା

ରାୟଗଡ଼ା,୨୭।୧୦ (ଆଶିଷ ରଞ୍ଜନ ପଣ୍ଡା)

ବସ୍ତି ଶୂନ୍ୟ ରାଜ୍ୟ ଗଠନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୬ ବର୍ଷ ତଳେ ଏକ ଯୋଜନା କରାଯାଇଥିଲା । ସେତେବେଳେ ଅବିଭକ୍ତ କୋରାପୁଟ ଓ ରାୟଗଡ଼ା ଜିଲାର ସମସ୍ତ ପୌର ପରିଷଦ ଓ ଏନ୍‌ଏସି ଅଧିକାରୀଙ୍କୁ ନେଇ ରାୟଗଡ଼ାଠାରେ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ନଗର ଉନ୍ନୟନ ସଚିବ ଜି.ମାଥିଭାଥାନନ ଯୋଗଦେଇ ସହରଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ମହାପୁରୁଷଙ୍କ ନାମରେ ବସ୍ତିଗୁଡ଼ିକର ନାମକରଣ କରାଯାଇ ପକ୍କାଘର ନିର୍ମାଣ କରାଯିବାର ଯୋଜନା ରହିଥିଲା। ଉକ୍ତ ବୈଠକରେ ପୌରାଞ୍ଚଳରେ ରହୁଥିବା ଗୋଟିଏ ପରିବାରକୁ ୪୮୪ ବର୍ଗଫୁଟର ଜମି ସହ ଗୃହ ନିର୍ମାଣ ପାଇଁ ୨ ଲକ୍ଷ ଟଙ୍କା ଏବଂ ଏନ୍‌ଏସିରେ ରହୁଥିବା ଗୋଟିଏ ପରିବାରକୁ ୩୨୩ ବର୍ଗଫୁଟ ଜମି ସହ ୨ ଲକ୍ଷ ଟଙ୍କା ଗୃହ ନିର୍ମାଣ ପାଇଁ ଘୋଷଣା ହୋଇଥିଲା। ତେବେ ଏହି ଯୋଜନା କେବଳ କାଗଜକଲମରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ସହରରେ ୩୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ବସ୍ତି ରହିଥିବାବେଳେ ଯେଉଁଥିରେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି । ୬ ବର୍ଷ ମଧ୍ୟରେ ଗୋଟିଏ ମଧ୍ୟ ବସ୍ତି ଚିହ୍ନଟ କରାଯାଇ ନ ଥିବା ଅଭିଯୋଗ ହୋଇଛି।



ରାୟଗଡ଼ା ସହର ଦେଇ ଯାଇଥିବା ରେଳ ଲାଇନ କଡ଼ରେ ରହିଥିବା ବସ୍ତି।

ସେହିଭଳି ଉପା ସରକାର ଦ୍ୱାରା ପୂର୍ବରୁ ରାଜୀବ ଗାନ୍ଧୀ ବସ୍ତି ଉନ୍ନୟନ ଯୋଜନା ଘୋଷଣା ହୋଇଥିଲା । ତେବେ କେନ୍ଦ୍ର ସରକାରଙ୍କ ଏହି ଯୋଜନା ରାୟଗଡ଼ା ଜିଲାରେ ସଫଳ ରୂପାୟନ ହୋଇପାରିଲା ନାହିଁ। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ କେନ୍ଦ୍ର ଅନୁଦାନ ପୁଣି କେନ୍ଦ୍ରକୁ ଫେରିଗଲା । ସେହିଭଳି ଗତ ୨ ବର୍ଷ ତଳେ ପୁଣି କେନ୍ଦ୍ର ସରକାରଙ୍କ ପକ୍ଷରୁ ବସ୍ତି ହଟାଇ ପକ୍କାଘର ନିର୍ମାଣ ନିମନ୍ତେ ଡ୍ରୋନ୍ ମାଧ୍ୟମରେ ବିଭିନ୍ନ ଏନ୍‌ଜିଓ ସହାୟତାରେ ବସ୍ତି ଚିହ୍ନଟ କରାଯାଇଥିଲା। ବସ୍ତିକୁ ହଟାଇ ପକ୍କା ଘର ପ୍ରଦାନ ସହ ଗୋଷ୍ଠୀ କେନ୍ଦ୍ର, ପାର୍କ ଓ କଲ୍ୟାଣ ମଣ୍ଡପ ହେବା ନେଇ ଘୋଷଣା ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି । ରାୟଗଡ଼ା, ଗୁଣପୁର ଓ ଗୁଡ଼ାରି ସହରରେ ଅନେକ ହିତାଧିକାରୀ ପକ୍କାଘର ପାଇଁ ଆବେଦନ କରିଥିଲେ ସୁଦ୍ଧା ଯୋଜନାର ଲାଭ ନ ମିଳିବାରୁ ନିରାଶ ହୋଇଛନ୍ତି। ଏଭଳିକି ରେଳବାଇ ଯେଉଁ ବସ୍ତି ଉଚ୍ଛେଦ ଚଳାଇଛି ତାହାର ସମାଧାନର ସୂତ୍ର ଠିକ୍ ଭାବରେ ବାହାରି ନ ଥିବା ଜଣାପଡ଼ିଛି। ଏ ନେଇ ଜିଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବପର ହୋଇପାରିନାହିଁ ।

# ସରପଞ୍ଚଙ୍କ ବିନା ଅନୁମୋଦନରେ ଆକ୍ସନ ପ୍ଲାନ୍‌କୁ ନେଇ ବିବାଦ

ବିଷମକଟକ,୨୭।୧୦ (ବିଭୂତି ଭୂଷଣ ନାୟକ)

**ଆରମ୍ଭରୁ ବିବାଦ ଘେରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା'**

ପଞ୍ଚାୟତଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ ସରକାର 'ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା' ମାଧ୍ୟମରେ ୫୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଘୋଷଣା କରିଛନ୍ତି । ବିଷମକଟକ ବ୍ଲକରେ ଏହାର ଶୁଭାରମ୍ଭ ଆସନ୍ତା ୩୦ ତାରିଖରେ ଧାର୍ଯ୍ୟ କରାଯାଇଛି। ହେଲେ ସଦର ବିଷମକଟକ ସରପଞ୍ଚଙ୍କ ଅନୁମୋଦନ ଓ ଦସ୍ତଖତ ନ ଥାଇ ବିଷମକଟକ ପଞ୍ଚାୟତ ସମିତି ତରଫରୁ କରାଯାଇଥିବା ପ୍ଲାନ୍ ଅଫ୍ ଆକ୍ସନକୁ ନେଇ ବିବାଦ ସୃଷ୍ଟି ହୋଇଛି। ବିଷମକଟକ ବିଡିଓ ଏବଂ ବ୍ଲକ ଉପାଧ୍ୟକ୍ଷଙ୍କ ଭୂମିକାକୁ ନେଇ ସଦର ପଞ୍ଚାୟତ ସରପଞ୍ଚ ନମିତା କୁଲେସିକା ଅଭିଯୋଗ କରିଛନ୍ତି । ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଏଥିରେ ରୋକ୍ ଲଗାଇବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଏହି ପଞ୍ଚାୟତ ସହ ବୈମାତୃକ ମନୋଭାବ ପୋଷଣ କରାଯାଇଥିବା ସହ ଖୋଦ ବିଡିଓ ସାମିଲ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। କୌଣସି ଷ୍ଟେକ୍‌ହୋଲ୍‌ଡର, ନିର୍ବାଚିତ ଜନପ୍ରତିନିଧି, ଜନସାଧାରଣଙ୍କ ସହ ଆଲୋଚନା କରା ନ ଯାଇ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ବ୍ଲକ ପାଣ୍ଠି କହି ବିଡିଓ ମନମୁଖି ଭାବେ ଆକ୍ସନ ପ୍ଲାନ୍ କରିଥିବା ସରପଞ୍ଚ ନମିତା ଅଭିଯୋଗ କରିଛନ୍ତି। ଏହି ଯୋଜନାରୁ ପ୍ରଶାସନିକ ଅଧିକାରୀମାନେ ବ୍ୟକ୍ତିଗତ ଫାଇଦା ପାଇଁ ସବୁ କିଛି ପ୍ରସ୍ତୁତ କରାଯାଇଥିବା ବ୍ଲକ କଂଗ୍ରେସ ସଭାପତି କୃଷ୍ଣ ନାଣକା କହିଛନ୍ତି। ଏ ନେଇ ବିଷମକଟକ ବିଡିଓ ସଦାଶିବ ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ଅଭିଯୋଗ ଆସିନାହିଁ। ତେବେ ସମସ୍ତ ଜନ ପ୍ରତିନିଧିଙ୍କ ସହ ଆଲୋଚନା ପରେ ହିଁ ଏହି ଆକ୍ସନ ପ୍ଲାନ୍‌ଗୁଡିକ ଅନୁମୋଦିତ ହୋଇଥାଏ ବୋଲି ନାୟକ ପ୍ରତିକ୍ରିୟା ଦେଇଛନ୍ତି। ଏନେଇ ଆମେ ବିଷମ କଟକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା ଓ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ମତାମତ ଅନୁସାରେ ଆମେ ୨୧ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ହାଟମୁନିଗୁଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ସଭାର ଆୟୋଜନ କରାଯାଥିଲା। ସେଠାରେ ସମସ୍ତଙ୍କ ସହମତି ଅନୁସାରେ ଆକ୍ସନ ପ୍ଲାନ୍ କରାଯାଇଥିଲା । ଏଥିରେ କାହାର ବି ଅଭିଯୋଗ ନ ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ୨ରୁ ୩ ଜଣ ସରପଞ୍ଚ କିଛି ଉନ୍ନତିମୂଳକ କାର୍ଯ୍ୟର ତାଲିକା ଦେଇଥିଲେ । ଏହି କାର୍ଯ୍ୟକୁ ସରକାରଙ୍କ ଅନ୍ୟ ଯୋଜନାରେ ସାମିଲ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ସମିତି ଅଧ୍ୟକ୍ଷା ଯଶୋଦା ହୁଇକା କହିଛନ୍ତି।

# ଦିଲ୍ଲୀ ଅଭିମୁଖେ ପବିତ୍ର ମାଟି କଳସ



ସଂଗୃହୀତ ମାଟି କଳସକୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ହସ୍ତାନ୍ତର କରାଯାଉଛି।

ରାୟଗଡ଼ା, ୨୭।୧୦(ଭାଗ୍ୟଶ୍ରୀ ମିଶ୍ର )

**'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ**

ଦେଶ ପାଇଁ ବଳିଦାନ ଦେଇଥିବା ଅମର ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ଆୟୋଜିତ ହୋଇଥିଲା। ଜିଲା ପ୍ରଶାସନ, ନେହେରୁ ଯୁବକେନ୍ଦ୍ର ଓ ଡାକ ବିଭାଗ ତରଫରୁ ବ୍ଲକରୁ, ପଞ୍ଚାୟତରୁ କଳସରେ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ଜିଲାପାଳ ସ୍ୱାଧାଦେବ ସିଂଙ୍କ ନିର୍ଦ୍ଦେଶକ୍ରମେ ସଂଗୃହୀତ ମାଟି କଳସକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ଓ ନେହେରୁ ଯୁବକେନ୍ଦ୍ରର ଏମ୍‌ଟିଏସ୍ ଲକ୍ଷ୍ମୀନାରାୟଣ ସେଠୀ ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସସ୍ମିତା ବାଉରୀଙ୍କୁ ହସ୍ତାନ୍ତର କରିଥିଲେ। ଶୁକ୍ରବାର ଭୁବନେଶ୍ୱର ଲୋକସେବକ ଭବନରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବା ପରେ ୨୮ ତାରିଖରେ ରାଜ୍ୟରୁ ସବୁ ଜିଲାରୁ ମାଟି କଳସ ଏକତ୍ରିତ ହୋଇ ଏକ ସ୍ୱତନ୍ତ୍ର ରେଳ ଯୋଗେ ଦିଲ୍ଲୀ ଅଭିମୁଖେ ବାହାରିବ । ଦେଶର ପ୍ରାୟ ୭୫୦୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ହୋଇ ଆସିଥିବା କଳସରୁ ମାଟିକୁ ଏକାଠି କରାଯାଇ ଆସନ୍ତା ୩୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ନିକଟରେ ଅମୃତ ବାଟିକାରେ ସ୍ଥାପନା କରାଯିବ । ଏହି ଅମୃତ ବାଟିକା 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ଭବ୍ୟ ପ୍ରତୀକ ହେବ ବୋଲି ଜଣାପଡ଼ିଛି ।

## ତରୁଣ ପ୍ରଜ୍ଞା ଭାରତୀ କାର୍ଯ୍ୟକାରିଣୀର ପୁନର୍ଗଠନ

ଜୟପୁର, ୨୭।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବିଦ୍ୟାଭୂଷଣ ନଗରସ୍ଥିତ ତରୁଣ ପ୍ରଜ୍ଞା ଭାରତୀ କାର୍ଯ୍ୟାଳୟରେ ଯଜ୍ଞେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ କରାଯାଇଛି। ପ୍ରତିଷ୍ଠାତା ଡ଼ ଗଙ୍ଗାଧର ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଅନୁଷ୍ଠାନକୁ ପରିଚାଳନା କରିବା ନିମନ୍ତେ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି। ଲକ୍ଷ୍ମୀକାନ୍ତ ମିଶ୍ର ସଭାପତି, ରାମଶଙ୍କର ଷଡଙ୍ଗୀ ଉପସଭାପତି, ଯଜ୍ଞେଶ୍ୱର ପଣ୍ଡା ସାଧାରଣ ସମ୍ପାଦକ, ହେମନ୍ତ କୁମାର ଚାନ୍ଦ ସହସମ୍ପାଦକ, ପ୍ରମୋଦ କୁମାର ରାଉଳ ଓ କେ. ତିରୁପତି ପାତ୍ର ଯୁଗ୍ମ ସମ୍ପାଦକ, ସବିତା ତ୍ରିପାଠୀ ସଙ୍ଗଠନ ସମ୍ପାଦିକା, ରବୀନ୍ଦ୍ର କୁମାର ମହାରଣା କୋଷାଧ୍ୟକ୍ଷ, ଲିପିକା ଦଳେଇ କାର୍ଯ୍ୟାଳୟ ସମ୍ପାଦିକା, ଅଜୟ କୁମାର ମଲ୍ଲିକ ଓ ସୁବର୍ଣ୍ଣ ଖିଲ କାର୍ଯ୍ୟକ୍ରମ ସମ୍ପାଦକ,ସଦସ୍ୟଭାବେ କବିତା ସାହୁ, ସନ୍ତୋଷ ସାହୁ, ରୀତାଞ୍ଜଳୀ ଡାକୁଆ, ମାମିନୀ ଦାଶ, କୃଷ୍ଣଚନ୍ଦ୍ର ହୋତା, ସୁସ୍ମିତା ରଥ, ବବିତା ମହାରଣା, ଉପଦେଷ୍ଟା ମିନକେତନ ଦାଶ ଓ ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଛି। ନଭେମ୍ବର ୫ରୁ ଚଳିତ ବର୍ଷର ବିଭିନ୍ନ ପ୍ରତିଯୋଗିତା ଆରମ୍ଭ କରାଯାଇ ସ୍ୱର୍ଗତ ନନ୍ଦଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରାଯିବ ବୋଲି ମନୋନୀତ ସଭ୍ୟମାନେ କହିଛନ୍ତି।

# ସନ୍ନ୍ୟାସୀ ଶ୍ରୀ ଆତ୍ମାନନ୍ଦଙ୍କ ଜନ୍ମୋତ୍ସବ



ସନ୍ନ୍ୟାସୀ ଆତ୍ମାନନ୍ଦଙ୍କ ଜନ୍ମଦିବସରେ ହୋମଯଜ୍ଞ କରାଯାଉଛି।

ପଦ୍ମପୁର,୨୭।୧୦ (ପ୍ରଶାନ୍ତ କୁମାର କର)

ପଦ୍ମପୁର ନିକଟସ୍ଥ ମୋଟିକିପଦର ଯଜ୍ଞ ଭବନ ପରିସରରେ ସମାଜ ସଂସ୍କାରଧର୍ମୀ ସାର୍ବଜନୀନ ସଙ୍ଗଠନ ବିଶ୍ୱ ବୈଦିକ ପରିବାରର ପ୍ରତିଷ୍ଠାତା ବିଦ୍ୱାନ ସନ୍ନ୍ୟାସୀ ଶ୍ରୀ ଆତ୍ମନନ୍ଦଙ୍କ ୭୯ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନଗର କୀର୍ତ୍ତନ, ବେଦପାଠ, ବୈଦିକ ଭଜନ, ଓଁ ଧ୍ୱଜା ଉତ୍ତୋଳନ, ଚାରା ରୋପଣ, ଦାନ ଉତ୍ସବ, ସମ୍ବର୍ଦ୍ଧନା ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜ୍ୟ ଆତ୍ମାନନ୍ଦଜୀ ଆୟୋଜିତ ପଞ୍ଚ ମହାଯଜ୍ଞ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ପାରମାର୍ଥିକ ପ୍ରାର୍ଥନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂଜ୍ୟ ଆତ୍ମାନନ୍ଦଜୀଙ୍କ ଦ୍ୱାରା ଲିଖିତ ବେଦ ବୈଦିକ ଧର୍ମ ଓ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ଶ୍ରେଷ୍ଠତା ପାଇଁ ଜ୍ୟୋତ୍ସ୍ନା ଦେବୀ, ବିଦ୍ୟାଧର ଶବର, ଚନ୍ଦ୍ର ଭୂଷଣ ମାଣ୍ଡାଙ୍ଗି ଓ ଅଧ୍ୟାପକ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମଳାକାନ୍ତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଭଜନ କାର୍ଯ୍ୟକ୍ରମରେ କଳ୍ପନା, ପୂଜା, ପ୍ରତୀକ୍ଷା କଣ୍ଠଦାନ କରିଥିବା ବେଳେ ପ୍ରଫୁଲ୍ଲ କୁରା, ମନୋଜ ଜେନା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପଞ୍ଚ ମହାଯଜ୍ଞ ସଞ୍ଚାଳନାରେ ମୁଖ୍ୟ ପରିଚାଳକ ବିମଳେନ୍ଦୁ ପାଢ଼ୀ, ସୀମାଞ୍ଚଳ ପଟ୍ଟନାୟକ, କମଳାକାନ୍ତ, ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ସହଯୋଗୀ ରମେଶ ଚନ୍ଦ୍ର ପାତ୍ର, ଲାଲୁପ୍ରସାଦ ମାଣ୍ଡାଙ୍ଗି, ପୁରୁଷୋତ୍ତମ ମାଣ୍ଡାଙ୍ଗି, ସୁଜନ ଗୌଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ଏମ୍. ସନ୍ନ୍ୟାସୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ଯୁବକଙ୍କ ମୃତ୍ୟୁ

ଗୁଡ଼ାରି/କୋଲନରା,୨୭।୧୦ (ପ୍ରମୋଦ କୁମାର ପତି/ମାନସ ମିଶ୍ର)

ଚାନ୍ଦିଲି ଥାନା ଅନ୍ତର୍ଗତ ଭୁଜବଳ ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥରେ ଗୁରୁବାର ରାତିରେ ୨ ବାଇକ ମୁହାଁମୁହିଁ ଧକ୍କାହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗୁଡାରିର ରାଜେଶ ଗୁଡ଼ଲା (୩୮) । ୩ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗୁଡ଼ାରିର ରାଜେଶ ଗୁଡଲା ଓ ଅବିନାଶ ଗୁଡ଼ଲା ବାଇକ ଯୋଗେ ରାୟଗଡ଼ା ମେଡିକାଲକୁ ଚିକିତ୍ସା ପାଇଁ ଯାଇ ରାତିରେ ଘରକୁ ଫେରୁଥିଲେ। ଅନ୍ୟ ଏକ ବାଇକରେ ବଡ଼ ଆଲୁବାଡ଼ିରୁ ଟିଣ୍ଟୁ ସାରକା ଓ ମିକୁ ଜିଲାକାରା ଜେକେପୁର ଆସୁଥିବା ବେଳେ ଭୁଜବଳସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜ ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ମୃତ ରାଜେଶ ଗୁଡ଼ଲାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ରାୟଗଡା ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ନିଜର ଏକମାତ୍ର ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡିଛନ୍ତି। ଶୋକାକୁଳ ପରିବେଶରେ ସାଙ୍ଗସାଥୀ, ପରିବାରବର୍ଗଙ୍କ ଉପସ୍ଥିତିରେ ରାଜେଶଙ୍କ ଅନ୍ତିମ ସଂସ୍କାର ବଂଶଧାରା ନଦୀ ତଟରେ କରାଯାଇଛି।

# ପଦ୍ମପୁରରେ ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ

ପଦ୍ମପୁର,୨୭।୧୦(ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍‌ରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଶୁକ୍ରବାର ସୁଜିତ କୁମାର ମିଶ୍ର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ପଦ୍ମପୁରରେ ଦାୟିତ୍ୱ ତୁଲାଉଥିବା ବିଡିଓ ରୀନା ପ୍ରଧାନ ଗତ ୨ ଦିନ ତଳେ ରାୟଗଡ଼ା ଜିଲାର କୋଲନରା ବ୍ଲକ୍‌କୁ ବିଡିଓ ଭାବେ ବଦଳି ହେବାପରେ ପଦ୍ମପୁରର ବ୍ଲକ ସହକାରୀ ଯନ୍ତ୍ରୀ ରଶ୍ମିତା ଶବରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶୁକ୍ରବାର ସୁଜିତ କୁମାର ମିଶ୍ର ରଶ୍ମିତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମୟରେ ବ୍ଲକ୍‌ର ମୁଖ୍ୟ କିରାଣି ରଘୁନାଥ ଶବର, ଭି. ଶ୍ରୀନିବାସ ରାଓ, ପ୍ରଦୀପ ପାଢ଼ୀ, ଅଶୋକ କୁମାର ନାୟକ, ସ୍ନେହାଶିଷ ପଣ୍ଡାଙ୍କ ସହ ବ୍ଲକ୍‌ର ବହୁ କର୍ମଚାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ବିଡିଓ ମିଶ୍ର ଏହା ପୂର୍ବରୁ କୋରାପୁଟ ଜିଲାର ନନ୍ଦପୁର ବିଡିଓ ଭାବେ କାର୍ଯ୍ୟ ତୁଲାଇଥିଲେ। ବିଡିଓଙ୍କ ଯୋଗଦାନର ପ୍ରଥମ ଦିନରେ ବ୍ଲକ ସଦ୍‌ଭାବନା ଗୃହଠାରେ ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସଫଳ ହେବା ନିମନ୍ତେ ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବରଙ୍କ ସହ ସମସ୍ତ ସରକାରୀ କର୍ମଚାରୀ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ବୈଠକ କରିଥିଲେ।



ନୂଆ ବିଡିଓଙ୍କୁ ପଦ୍ମପୁର ବ୍ଲକ୍ କର୍ମଚାରୀମାନେ ସ୍ୱାଗତ ଜଣାଉଛନ୍ତି।

# ପୁରୁଷଙ୍କ ତୁଳନାରେ ମହିଳା ଭୋଟର ସଂଖ୍ୟା ଅଧିକ

**ଭୋଟର ତାଲିକା ପ୍ରସ୍ତୁତି ପାଇଁ ସର୍ବଦଳୀୟ ବୈଠକ**

ରାୟଗଡ଼ା,୨୭।୧୦ (ଆଶିଷ ରଞ୍ଜନ ପଣ୍ଡା)

ଭୋଟର ତାଲିକା ପ୍ରସ୍ତୁତି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ୨ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ପକ୍ଷରୁ ପଦ୍ମନାଭ ଦାସ, କଂଗ୍ରେସ ପକ୍ଷରୁ ଜିଲା ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ ଓ ବିଜେଡି ପକ୍ଷରୁ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଦେବାଶିଷ ଖାଡ଼ଙ୍ଗା ଉପସ୍ଥିତ ଥିଲେ। ଏଥିସହ ଅନ୍ୟ ରାଜନୈତିକ ଦଳର ନେତାମାନେ ମଧ୍ୟ ଉପସ୍ଥିତ ଥିଲେ। ଜିଲାରେ ସର୍ବାଧିକ ମହିଳା ଭୋଟର ରହିଥିବା ନେଇ ଏହି ବୈଠକରେ ଜଣାପଡ଼ିଥିଲା । ଏଥିସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲାର ୩ ନିର୍ବାଚନମଣ୍ଡଳୀରେ ୧୨ଟି ବୁଥ୍ ବୃଦ୍ଧି ହୋଇଛି। ଗୁଣପୁରରେ ୫ ବୁଥ୍ ବଢି ୨୮୯,



ସର୍ବଦଳୀୟ ବୈଠକରେ ଜିଲା ପ୍ରଶାସନ ଅଧିକାରୀଙ୍କ ସହ ରାଜନୈତିକ ଦଳର କର୍ମକର୍ତ୍ତମାନେ ଆଲୋଚନା କରୁଛନ୍ତି।

ବିଷମକଟକରେ ୪ଟି ବୁଥ୍ ବଢ଼ାଯାଇ ୨୯୩ ଓ ରାୟଗଡାରେ ୩ଟି ବୁଥ୍ ବଢ଼ି ୩୦୧ ହୋଇଥିବା ଦୁଇ ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ।

ଜିଲାରେ ମୋଟ ୬ ଲକ୍ଷ ୯୧ ହଜାର ୯୭୧ଜଣ ଭୋଟର ରହିଥିବା ବେଳେ ସେଥିରୁ ୩ ଲକ୍ଷ ୬୫ ହଜାର ୮୫ ଜଣ ମହିଳା ଓ ୩ ଲକ୍ଷ ୨୬ ହଜାର ୭୦୪ ଜଣ ପୁରୁଷ ଭୋଟର ରହିଛନ୍ତି। ଏହା ପ୍ରତି ୧ ହଜାର ପୁରୁଷ ତୁଳନାରେ ମହିଳା ସଂଖ୍ୟା ୧୧୧୭ ବୋଲି ସୂଚନା ମିଳିଛି। ମୋଟ ଭୋଟରଙ୍କ ମଧ୍ୟରୁ ରାୟଗଡ଼ା ବିଧାନସଭାରେ ୨ ଲକ୍ଷ ୪୬ ହଜାର ୮୭୧ ଜଣ ରହିଛନ୍ତି। ସେଥିରୁ ୧ ଲକ୍ଷ ୨୯ ହଜାର ୮୬୩ ମହିଳା ଓ ୧ ଲକ୍ଷ ୧୬ ହଜାର ୯୦୯ ଜଣ ପୁରୁଷ ଭୋଟର। ସେହିଭଳି ବିଷମକଟକ ବିଧାନସଭାରେ ୨ ଲକ୍ଷ ୨୭ହଜାର ୭୪୬ ଜଣ ରହିଛନ୍ତି। ସେଥିରୁ ୧ ଲକ୍ଷ ୨୨ ହଜାର ୯୦୦ ମହିଳା ଓ ୧ ଲକ୍ଷ ୪ ହଜାର ୮୦୮ ଜଣ ପୁରୁଷ ଭୋଟର। ଗୁଣପୁର ବିଧାନସଭାରେ ୨ ଲକ୍ଷ ୧୭ ହଜାର ୩୫୪ ଜଣ ରହିଛନ୍ତି। ସେଥିରୁ ୧ ଲକ୍ଷ ୧୨ ହଜାର ୩୨୨ ମହିଳା ଓ ୧ ଲକ୍ଷ ୪ ହଜାର ୯୮୭ ଜଣ ପୁରୁଷ ଭୋଟର। ଅପରପକ୍ଷରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଭୋଟର ତାଲିକା ସଂଶୋଧନ ଓ ଆପତ୍ତି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖଠାରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

# ଜିଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟର ବେଶି

ନବରଙ୍ଗପୁର,୨୭।୧୦(ସଦାଶିବ ପ୍ରହରାଜ)



ଜିଲାପାଳ ଓ ବୈଠକରେ ଉପସ୍ଥିତ ଅନ୍ୟମାନେ ଡ୍ରାଫ୍ଟ ଭୋଟର ତାଲିକା ଦେଖାଉଛନ୍ତି।

ଜିଲା ପଞ୍ଚାୟତ ସାଧନ କେନ୍ଦ୍ରରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳ ଲୋଚନ ମିଶ୍ର ଡ୍ରାଫ୍ଟ ଭୋଟର ତାଲିକା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ପ୍ରକାଶ କରିଛନ୍ତି। ପ୍ରକାଶିତ ତାଲିକା ସମସ୍ତ ବୁଥ୍ ଓ ସରକାରୀ କାର୍ଯ୍ୟାଳୟରେ ଟଙ୍ଗାଯିବ। ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୪ ଆରମ୍ଭ ହୋଇଯାଇଛି। ଏହି ସଂଶୋଧନ କାର୍ଯ୍ୟକ୍ରମରେ ଅକ୍ଟୋବର ୨୭ ସୁଦ୍ଧା ଭୋଟର ସଂଯୋଗୀକରଣ, ସଂଶୋଧନ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କର ନାମ ଅପସାରଣ କରାଯାଇଛି।

ନବରଙ୍ଗପୁର ଜିଲାରେ ୪ ବିଧାନସଭା ମଣ୍ଡଳୀରେ ୨୦୨୩ ଜାନୁୟାରୀ ୫ ସୁଦ୍ଧା ୮ ଲକ୍ଷ ୧୦ ହଜାର ୩୧୮ ଭୋଟର ଥିଲେ। ଏବେ ୮ ଲକ୍ଷ ୨୩ ହଜାର ୩୭୭ ଭୋଟର ଅଛନ୍ତି। ସେଥିମଧ୍ୟରୁ ୪ ଲକ୍ଷ ୧୫ ହଜାର ୪୩୬ ମହିଳା ଭୋଟର ଓ ୪ ଲକ୍ଷ ୭ ହଜାର ୮୭୯ ଜଣ ପୁରୁଷ ଭୋଟର ଅଛନ୍ତି। ତେବେ ୧ ହଜାର ପୁରୁଷରେ ୧ ହଜାର ୧୯ ମହିଳା ଜିଲାରେ ଥିବା ଜିଲାପାଳ ମିଶ୍ର ସୂଚନା ଦେଇଛନ୍ତି। ଏହି ଅନୁପାତକୁ ଆକଳନ କଲେ ଜିଲାରେ ଭ୍ରୁଣହତ୍ୟା ହେଉ ନ ଥିବା ସେ କହିଛନ୍ତି। ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୯୪ ହଜାର ୮୧୭ ମହିଳା, ୯୬ ହଜାର ୨୪ ପୁରୁଷ ଓ ୧୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଝରିଗାଁ ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୫ ହଜାର ୭୮୭ ମହିଳା, ୧ ଲକ୍ଷ ୪ ହଜାର ୯୪୭ ପୁରୁଷ ଓ ୪ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୧୪ ହଜାର ୫ଶହ ମହିଳା, ୧ ଲକ୍ଷ ୯ ହଜାର ୯୨୩ ପୁରୁଷ ଓ ୨୯ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୩୩୧ ମହିଳା, ୯୬ ହଜାର ୯୮୫ ପୁରୁଷ ଓ ୧୪ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି।

ପୂର୍ବରୁ ଜିଲାରେ ୯୮୩ ବୁଥ୍ ରହିଥିଲା। ଏବେ ବୁଥ୍ ସଂଖ୍ୟା ବଢ଼ାଯାଇ ୯୯୨ କରାଯାଇଛି। ଝରିଗାଁ ନିର୍ବାଚନ ମଣ୍ଡଳୀର ୨୫୫ ବୁଥ୍ ରହିଛି। ଉମରକୋଟ ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୨୧୪ ପୌରସଂସ୍ଥା କାର୍ଯ୍ୟାଳୟ ପରିବର୍ତ୍ତେ ଏକ୍ସ ବୋର୍ଡ ୟୁପି ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବରୁ ୨୭୦ ବୁଥ୍ ରହିଥିବାବେଳେ ଏବେ ୨୭୬ ବୁଥ୍ ରହିଛି। ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୩୮ ବୁଥ୍ ରହିଥିଲା। ୩ ବୁଥ୍ ବୃଦ୍ଧି କରାଯାଇ ୨୪୧ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

### ପ୍ରକାଶ ପାଇଲା ଡ୍ରାଫ୍ଟ ଭୋଟର ତାଲିକା

ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ୨୦୨୩ ଅକ୍ଟୋବର ୨୭ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଭୋଟରଙ୍କଠାରୁ ଆପତ୍ତି ଅଭିଯୋଗ, ନୂତନଭାବେ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ଆବେଦନ ଫର୍ମ ଗ୍ରହଣ କରାଯିବ। ଏହାର ଚୂଡ଼ାନ୍ତ ତାଲିକା ୨୦୨୪ ଜାନୁୟାରୀ ୫ରେ ପ୍ରକାଶ ପାଇବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପଜିଲାପାଳ ତଥା ଜିଲା ପଞ୍ଜୀକରଣ ଅଧିକାରୀ ପ୍ରକାଶ ମିଶ୍ର, ଡେପୁଟି କଲେକ୍ଟର ପି.ମନସ୍ୱିତା, ଡିଆଇପିଆର୍ଓ ହଳଧର ନିଆଲ, ବିଜେଡି ନଗର ସଭାପତି ପ୍ରମୋଦ ରଥ, କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ବିଏସ୍‌ପିର ଚନ୍ଦ୍ରଧ୍ୱଜ ମାଝି ଓ ଜିଲା ନିର୍ବାଚନ ବିଭାଗ ବରିଷ୍ଠ ସହାୟକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଡିସେମ୍ବର ୯ ପର୍ଯ୍ୟନ୍ତ ଚାଲିବ ଭୋଟର ତାଲିକା ସଂଶୋଧନ



ବୈଠକରେ ଉପସ୍ଥିତ ବୁଥ୍‌ସ୍ତରୀୟ ଅଧିକାରୀମାନେ।

ଡାବୁଗାଁ, ୨୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୨୪ ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବୁଥ୍‌ରେ ତଥା ବ୍ଲକ କାର୍ଯ୍ୟାଳୟରେ ଚିଠା ଭୋଟର ତାଲିକା ଶୁକ୍ରବାର ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଫର୍ମ-୬ ରେ ପଞ୍ଜୀକରଣ/ ନାମ ଯୋଗ କରିବା, ଫର୍ମ-୭ରେ ତାଲିକାରେ ଥିବା ନାମ ବାଦ୍ ଦେବା, ଫର୍ମ -୮ରେ ନାମ/ତଥ୍ୟ/ଫଟୋ/ ଠିକଣା ଆଦି ସଂଶୋଧନ କରିବା ସମ୍ପର୍କରେ ବୁଝାଇ ଦିଆଯାଇଥିଲା। ଏହି ସଂଶୋଧନ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୫, ୧୧, ୧୯ ଓ ୨୫ ତାରିଖ ସ୍ୱତନ୍ତ୍ର ପ୍ରଚାର ଦିବସ ପାଳନ କରାଯିବ। ଉକ୍ତ ଦିନ ବୁଥ୍‌ସ୍ତରୀୟ ଅଧିକାରୀ ନିଜ ନିଜ ବୁଥ୍‌ରେ ଉପସ୍ଥିତ ରହି ଭୋଟରମାନଙ୍କ ଆବେଦନ ଗ୍ରହଣ କରିବେ। ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ୫।୧।୨୦୨୪ରେ ପ୍ରକାଶ ପାଇବ। ପୂର୍ବରୁ ଡାବୁଗାଁ ବ୍ଲକରେ ୫୪ଟି ବୁଥ୍ ରହିଥିଲା। ଚଳିତ ବର୍ଷ ବୋରିଗାଁ ବୁଥ୍ ୨ଭାଗ ହୋଇ ଉଙ୍ଗରିଗୁଡା ନୂତନ ବୁଥ୍ ଭାବେ ଘୋଷଣା କରାଯାଇଛି। ଏହି ବୈଠକରେ ସୁପରଭାଇଜର ରତିକାନ୍ତ ନାୟକ, ବିକାଶ ରଞ୍ଜନ ନିଶଙ୍କ, ରାଇସିଂ ପୂଜାରୀ, ଧନସିଂ ତନ୍ତୀ ଓ ବ୍ଲକର ମୋଟ ୫୫ ବୁଥ୍‌ର ବୁଥ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ. ଡି. ପ୍ରସାଦ ପରିଚାଳନା କରିଥିଲେ।



ନବରଙ୍ଗପୁର ଜିଲା ରାଇଘର ପଲ୍ଲୀ ସଂସଦ ଯୁବକ ସଂଘ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରାରେ କଳାହାଣ୍ଡି କଟପ୍ପା ତାମ୍ବ ଗ୍ରୁପ୍ ସଦସ୍ୟମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-କିରଣ ପଟ୍ଟନାୟକ)

## ବିଦ୍ୟୁତ୍ ଆଘାତରେ ହନୁମାଙ୍କଡ଼ ଗୁରୁତର

ପାପଡ଼ାହାଣ୍ଡି, ୨୭।୧୦
(ସ୍ୱପ୍ନଜିତ ପଟ୍ଟନାୟକ)

କରେଣ୍ଟ ଲାଗି ଗୁରୁତର ହୋଇଥିବା ଏକ ହନୁ ମାଙ୍କଡ଼କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚିକିତ୍ସା କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ମାଙ୍କଡ଼ଟିକୁ ପ୍ରାଣୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।ସୂଚନା ମୁତାବକ ମେଡିକାଲ ପଛପଟେ ୧୧ କେଭି ତାର ଯାଇଅଛି । ମାଙ୍କଡ଼ଟି ଡେଇଁବା ସମୟରେ ଉକ୍ତ ତାରରେ ଲାଗି ଅଚେତ ହୋଇ ପଡିଥିଲା। ମେଡ଼ିକାଲ କର୍ମଚାରୀ ସେଠାକୁ ଯାଇ ମାଙ୍କଡ଼ଟିକୁ ଉଦ୍ଧାର କରିଥିଲେ। ଡା. ମୋହନ ଦାସ ଓ ଡା. ସୁଶ୍ରୀତା ସେଠୀ କର୍ମଚାରୀଙ୍କ ସହ ମିଶି ମାଙ୍କଡ଼ଟିର ପ୍ରାଥମିକ ଚିକିତ୍ସା କରିଥିଲେ। କର୍ମଚାରୀ ସୁଜାତା ମାଙ୍କଡ଼ର ଡ୍ରେସିଂଙ୍ଗ କରିଥିଲେ। ଏହା ପରେ ମାଙ୍କଡ଼ଟିକୁ ପ୍ରାଣୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରାଣୀ ଚିକିତ୍ସାଳୟ ଡାକ୍ତର ମାଙ୍କଡ଼ର ଚିକିତ୍ସା କରି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଏକ ଦଳ ସେଠାରେ ପହଞ୍ଚିଥିଲେ।

# ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ତାଲିମ

ନବରଙ୍ଗପୁର,୨୭।୧୦
(ସଦାଶିବ ପ୍ରହରାଜ)

ଆଧୁନିକ କୌଶଳ ପ୍ରଣାଳୀରେ ଗୃହ ନିର୍ମାଣ ଓ ଏହାର ଡିଜାଇନ ସମୟରେ କିପରି ଅନେକ ବ୍ୟବସ୍ଥା କରାଯାଇ ଶକ୍ତି ସଂରକ୍ଷଣ କରିହେବ ସେ ସମ୍ପର୍କରେ ଓଡ଼ିଶା ଶକ୍ତି ବିଭାଗ ପକ୍ଷରୁ ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ୨ଦିନିଆ ତାଲିମ ଶିବିର କରାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଲିମ ଶିବିର ଉଦ୍‌ଘାଟନ କରିଥିଲେ। ଜିଲାରେ ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ବିଷୟରେ ବିଭାଗୀୟ ଅଧିକାରୀମାନେ ଯତ୍ନବାନ୍ ହେବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଶା ଶକ୍ତି ବିଭାଗ କନ୍‌ସଲଟାଣ୍ଟ ଅଶୋକ ନନ୍ଦ, ମାଷ୍ଟର ଟ୍ରେନର ଜେ. କେ. ବ୍ୟାସ, ରାମ ପ୍ରତାପ ପୋଦ୍ଦାର ତାଲିମ ପ୍ରଦାନ କରୁଛନ୍ତି। ପୂର୍ତ୍ତ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବର୍ଷି ନାୟକ, ଡିଆଇପିଆର୍ଓ ହଳଧର ନିଆଲ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ସମେତ ଜିଲାର ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଜୁଳି ବିଭାଗର ଇଞ୍ଜିନିୟରମାନେ ଯୋଗଦେଇଥିଲେ। ଗୃହ ନିର୍ମାଣରେ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଜାଣିବାକୁ ଚାହିଁଲେ ଇଞ୍ଜିନିୟର ଅଶୋକ ନନ୍ଦଙ୍କ ମୋବାଇଲ ନମ୍ବର ୯୪୩୭୩୦୩୫୪୮କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ସଫଳ ରୂପାୟନ ନେଇ ଗୁରୁତ୍ୱ

ଚିତ୍ରକୋଣ୍ଡା,୨୭।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ବିଜେଡିର ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତି ମାନସ ମାଡ଼କାମିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସଂଯୋଗ ସହ ବ୍ୟାଙ୍କିଙ୍ଗ୍ ସୁବିଧା, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦେଇ ପ୍ରତି ପଞ୍ଚାୟତରେ ଲୋକାଭିମୁଖୀ ପ୍ରକଳ୍ପ, ପଞ୍ଚାୟତଗୁଡ଼ିକରେ ବିକାଶମୂଳକ କାର୍ଯ୍ୟ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଆସନ୍ତା ୪ରେ ଜିଲାର ୭ଟି ବ୍ଲକରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଶୁକ୍ରବାର ଜିଲା ବିଜେଡି ପକ୍ଷରୁ ହେବାକୁ ଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର କିଭଳି ସଫଳ ରୂପାୟନ ହୋଇପାରିବ ସେନେଇ ଜିଲା ବିଜେଡି ସଭାପତି ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ ,ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ମଦନ ଖୋସ୍‌ଲା,ଜିଲା ସାଧାରଣ ସମ୍ପାଦକ ରବି ପାତ୍ର, ଜିଲା ଯୁବ ବିଜେଡି ସଭାପତି ଆତ୍ମା ରାବା, ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଜିଲା ମହିଳା ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ଉପସଭାପତି ସୁନିତା ଜେନା, ଚିତ୍ରକୋଣ୍ଡା ଅବଜରଭର ବିଜିତ ସିଙ୍ଗ, ବ୍ଲକ ବିଜେଡି ସଭାପତି ରଘୁବୀର ଖରା, ବରିଷ୍ଠ କର୍ମୀ ଦେବେନ୍ଦ୍ର ଦାଶ, କମଲୁ ହନ୍ତାଳ, ବିଜେଡି ଯୁବନେତା ଅମିତ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସୋମନାଥ ବାରସେ, ପୂର୍ବତନ ଯୁବ ସଭାପତି ଡମ୍ବରୁ ବାଗ, କେ.ରାହୁଲ, ବିଭୂତି ଭୂଷଣ, ମୁନା ଖୋସ୍‌ଲା ଓ ସୁନୀଲ ସାହୁଙ୍କ ସମେତ ଚିତ୍ରକୋଣ୍ଡା ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ସଭାପତି ମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଜେଡି ନେତା ଓ ଅନ୍ୟମାନେ ।

### ଚିତ୍ରକୋଣ୍ଡାରେ ବିଜେଡିର ପ୍ରସ୍ତୁତି ବୈଠକ

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

କୋରାପୁଟ,୨୭।୧୦(ଅମିତାଭ ବେହେରା)

କୋରାପୁଟର ନୂତନ ତହସିଲଦାର ଭାବେ ସୈୟଦ ସାବିର ସାହ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୁର୍ବରୁ ମାଲକାନାଗିରି ଜିଲାରେ କାର୍ଯ କରୁଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ କୋରାପୁଟ ତହସିଲ ଅଞ୍ଚଳରେ ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ସହ ତହସିଲର ରାଜସ୍ୱ ବଢାଇବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ପ୍ରକାଶ ଯେ, ପୂର୍ବତନ କୋରାପୁଟ ତହସିଲଦାର ରଞ୍ଜନ ମାନସେଠଙ୍କୁ କିଛିଦିନ ତଳେ ବଦଳି କରାଯାଇଥିଲା।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

କୋରାପୁଟ , ୨୭।୧୦
(ଅମିତାଭ ବେହେରା )

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡା ଗ୍ରାମ ନିକଟସ୍ଥ ରେଳ ଧାରଣାରେ ଶୁକ୍ରବାର ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତଳଚମ୍ପି ଗ୍ରାମର ଡମ୍ବରୁ ଜାନୀ (୧୮)। ଏନେଇ ଶୁକ୍ରବାର ଡମ୍ବରୁଙ୍କ ବାପା ଲକ୍ଷ୍ମଣ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୋରାପୁଟ ଜିଆର୍‌ପିଏଫ୍ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବରରୁ ଜଣାପଡ଼ିଛି, ଶୁକ୍ରବାର ରାତି ଦୁଇଟା ବେଳେ ଦାମନଯୋଡିରୁ ଏକ ମାଲବାହୀ ଟ୍ରେନ ଲକ୍ଷ୍ମୀପୁର ଅଭିମୁଖେ ଆସୁଥିଲା। କୁସୁମଗୁଡା ନିକଟ ରେଳ ଧାରଣାରେ ଜଣେ ଯୁବକଙ୍କୁ ଟ୍ରେନଟି ଧକ୍କା ଦେଇଥିଲା। ଏନେଇ ଟ୍ରେନ ଚାଳକ ଲକ୍ଷ୍ମୀପୁର ଷ୍ଟେସନ ମାଷ୍ଟରଙ୍କୁ ଜଣାଇବା ପରେ ସେ ଲକ୍ଷ୍ମୀପୁର ଆର୍‌ପିଏଫ୍‌କୁ ଜଣାଇଥିଲେ। ଆର୍‌ପିଏଫ୍ ଏଏସଆଇ କେ.ଏସ.ଭିଏନଏସ୍. ଆପାରାଓ ଘଟଣା ସ୍ଥଳରେ ପହଞ୍ଚି ଡମ୍ବରୁଙ୍କୁ ଲକ୍ଷ୍ମୀପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଜିଆର୍‌ପିଏଫ୍ କୁସୁମଗୁଡା ସରପଞ୍ଚଙ୍କ ସହ ଯୋଗାଯୋଗ କରି ଏ ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ଜିଆରପିଏଫ ଇନ୍ସପେକ୍ଟର ସୁକାନ୍ତ କିଶୋର ପ୍ରଧାନ ଓ ଏଏସଆଇ ମଳୟ ମାଝୀ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ବୟାନ ରେକର୍ଡ କରଛନ୍ତି।

# ଚାଷୀଙ୍କୁ କ୍ଷତିପୂରଣ, ମରୁଡ଼ି ଘୋଷଣା ଦାବି

ନନ୍ଦାହାଣ୍ଡି,୨୭।୧୦
(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତର ଶତାଧିକ ଚାଷୀ ମେଣ୍ଟ୍ରି ଶିବ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜସ୍ୱ ପରିଦର୍ଶକ ମହମ୍ମଦ ଜାଭେଦ ଅଖତର ଓ ସହାୟକ ରାଜସ୍ୱ ନିରୀକ୍ଷକ ବାସନ୍ତୀ ଦୁଆରୀ ଦାବିପତ୍ର ଗ୍ରହଣ କରିଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଚଳିତ ବର୍ଷ ଚାଷକାମକୁ ସୁହାଇଲା ଭଳି ବର୍ଷା ହୋଇ ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିଲେ। ଜଳାଭାବ, ଗୁଣ୍ଡିପୋକ ଏବଂ କାଣ୍ଡବିନ୍ଧା ଭଳି ରୋଗର ପ୍ରାଦୁର୍ଭାବ ଯୋଗୁ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତ ସଦର, ବରାଗାଁ, ପଠାନଗୁଡ଼ା, ବାଦୀଗୁଡ଼ା, ହିରଲିଆଗୁଡ଼ା ଓ ସିରାଗୁଡ଼ା ଗ୍ରାମରେ ଖରିଫ ଧାନଚାଷ ନଷ୍ଟ ହୋଇଥିବାରୁ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଓ ଅଞ୍ଚଳକୁ ମରୁଡ଼ି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କୁ ପ୍ରେରଣକରି ପରବର୍ତ୍ତୀ ନିର୍ଦ୍ଦେଶ ପ୍ରକାରେ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଶୋଭାଯାତ୍ରା ଏବଂ ଦାବିପତ୍ର ପ୍ରଦାନ ସମୟରେ ସମିତି ସଭ୍ୟ ବସନ୍ତ କୁମାରୀ ନାୟକ, ବସନ୍ତ କୁମାର ବିଷୋୟୀ, ପରମେଶ୍ୱର ବିଷୋୟୀ, ଜାନକୀକାନ୍ତ ବିଷୋୟୀ, ପୂର୍ବତନ ସରପଞ୍ଚ ଅନସୂୟା ଭତରା, ନେତ୍ରାନନ୍ଦ ସାହୁ, ବୈଦ୍ୟନାଥ ସାହୁ, ବାସୁଦେବ ସାହୁ, ବାଳକୃଷ୍ଣ ବିଷୋୟୀ, ଗୌରୀଶଙ୍କର ମାଝି ଏବଂ ମେଣ୍ଟ୍ରି ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକଙ୍କୁ ଦାବିପତ୍ର



ପଞ୍ଚାୟତବାସୀ ଦାବିପତ୍ର ଦେବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

# କର୍ମଚାରୀ, ଜନସାଧାରଣଙ୍କ ପ୍ରତିବାଦ

ଡାବୁଗାଁ, ୨୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁଙ୍କ ବଦଳି ବାତିଲ କରିବାକୁ ଦାବି କରାଯାଇଛି। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ସ୍ଥାନୀୟ ଲୋକେ ଏକାଠି ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପ୍ରତିବାଦ କରିଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ହସ୍ତକ୍ଷେପ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଡାକ୍ତର ଶୁଭାଶିଷଙ୍କ ବଦଳି ବାତିଲ କରାଯାଇଛି।

ସୂଚନାନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୨୮୫/ ୩୧।୧୦।୨୦୨୦ରୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡେପୁଟେଶନରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦାନ କରିଥିଲେ। ଡା. ଶୁଭାଶିଷ ସାହୁ ଗତ ୩ ବର୍ଷ ହେଲା ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀଭାବେ କାମ କରି ଆସୁଥିଲେ। ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ସମସ୍ତ ଅଧସ୍ତନ କର୍ମଚାରୀଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରୁଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୮୧୫୭/୨୬।୧୦।୨୦୨୩ରେ ଶୁଭାଶିଷଙ୍କୁ ଯଥାଶୀଘ୍ର ନିଜ ପୂର୍ବ ସ୍ଥାନରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଖବର ପାଇବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ କର୍ମଚାରୀ ଓ ଜନସାଧାରଣ ଡାକ୍ତରଙ୍କର ବଦଳି ଆଦେଶ ବାତିଲ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପ୍ରତିବାଦ କରିଥିଲେ। ଯଦି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଡାବୁଗାଁର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦର ସମର୍ଥନ କରିବା ସହ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର ଓ ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ ପ୍ରମୁଖ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଖବର ଦେଇଥିଲେ। ଖବର ପାଇ ବିଧାୟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇ ଡାକ୍ତରଙ୍କ ବଦଳି ବାତିଲ କରିବାକୁ କହିଥିଲେ। ପରେ ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୮୧୭୫/୨୭।୧୦।୨୦୨୩ରେ ଉକ୍ତ ବଦଳି ଆଦେଶକୁ ବାତିଲ କରାଯାଇଛି। ଡାକ୍ତର ଶୁଭାଶିଷ ଏବେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବେ ବୋଲି ସେଥିରେ ନିର୍ଦ୍ଦେଶ ରହିଛି।




ଡାକ୍ତରଖାନା ସମ୍ମୁଖରେ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଲୋକମାନେ ପ୍ରତିବାଦ କରୁଛନ୍ତି।

### ଡାକ୍ତରଙ୍କ ବଦଳି ବାତିଲ ଦାବି

